ପାଠ-୫

# ସାନ ବଡ଼ ସଂଖ୍ୟା ଚିହ୍ନିବା

## ହାତୀନନାର ଖେଳଣା ଦୋକାନ






ଡୁଗୁଲୁ ପାଖରେ ଅଛି ୯ଟଙ୍କା

ଡୋନା ପାଖରେ ଅଛି ୯୯ ଟଙ୍କା

ଡୁଗୁଲୁ ପାଖରେ କେତେ ଟଙ୍କା ଅଛି ? ______________

ସେ କେଉଁ କେଉଁ ଖେଳଣା କିଣିପାରିବ ? ______________

ସେହି ଖେଳଣା ଗୁଡ଼ିକ କାହା ପାଖରେ ଅଛି ? ______________

❖ ଠେକୁଆ ପାଖରେଥିବା ଖେଳଣାର ଦାମ୍ ଲେଖ, ଯେପରି – କାରର ଦାମ୍ ୧୫ ଟଙ୍କା

ହାତୀର ଦାମ୍ ______

ଝିଅ କଣ୍ଢେଇର ଦାମ୍ ______

ବ୍ୟାଟ୍‌ର ଦାମ୍ ______

❖ ଡୁଗୁଲୁ ଠେକୁଆ ପାଖରୁ ଖେଳଣା କିଣି ପାରିବ କି ? ______

❖ ଡୁଗୁଲୁ ଠେକୁଆ ପାଖରୁ ଖେଳଣା କିଣି ପାରିବ ନାହିଁ କାହିଁକି କହ ।

**ଲକ୍ଷ୍ୟ କର –**

୫ ସଂଖ୍ୟାରେ ଗୋଟିଏ ମାତ୍ର ଅଙ୍କ ଅଛି, ତାହା ହେଉଛି ୫ ।

**ଏବେ କହ ଓ ଲେଖ –**

୭ ସଂଖ୍ୟାରେ ______ ଟି ଅଙ୍କ ଅଛି, ତାହା ହେଉଛି ______ ।

୯ ସଂଖ୍ୟାରେ ______ ଟି ଅଙ୍କ ଅଛି, ତାହା ହେଉଛି ______ ।

୪ ସଂଖ୍ୟାରେ ______ ଟି ଅଙ୍କ ଅଛି, ତାହା ହେଉଛି ______ ।


କିନ୍ତୁ, ୧୫ ସଂଖ୍ୟାରେ ୨ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା ୧ ଓ ୫ ।

ଏବେ କହ,

୨୭ ସଂଖ୍ୟାରେ ______ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

୪୦ ସଂଖ୍ୟାରେ ______ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।

୯୯ ସଂଖ୍ୟାରେ ______ ଟି ଅଙ୍କ ଅଛି, ସେଗୁଡ଼ିକ ହେଲା — ଓ — ।



**ଦୁଇଟି ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଅଙ୍କ ସଂଖ୍ୟା ବେଶୀ, ସେହି ସଂଖ୍ୟାଟି ବଡ଼ ।**

ପ୍ରତ୍ୟେକ ଧାଡ଼ିରେଥିବା ସଂଖ୍ୟା ଦୁଇଟିରୁ ସାନ ସଂଖ୍ୟାଟିରେ ଗୋଲ ବୁଲାଅ ।

ଯେପରି

| | |
|---|---|
| (୭) | ୧୭ |
| ୫ | ୧୩ |
| ୪୪ | ୪ |
| ୬ | ୧୦ |

| | |
|---|---|
| ୨୪ | ୩ |
| ୮ | ୩୫ |
| ୧୨ | ୨ |
| ୯୧ | ୯ |

- ପିଲାମାନେ ଘୋଡ଼ା ଉପରେ ଓ ଓଟ ଉପରେ ବସିବାକୁ ଲୋକଟି ଆଗରେ ଧାଡ଼ି କଲେ ।




ଲୋକଟି ସବିତାକୁ କହିଲା - ଓଟରେ ବସିବାକୁ ୬୫ଟଙ୍କା ଦରକାର । ତୁମ ପାଖରେ ୭୨ ଟଙ୍କା ଅଛି, ତାହା ୬୫ଟଙ୍କାରୁ ବେଶୀ, ତେଣୁ ତୁମେ ଓଟ ଉପରେ ବସି ପାରିବ ।

| ୭୨ଟଙ୍କା | ୬୫ଟଙ୍କା |
|---|---|
| ୭୨ = ୭ ଦଶ ୨ ଏକ | ୬୫ = ୬ ଦଶ ୫ ଏକ |

୭୨ର ଦଶକ ସ୍ଥାନରେ କେଉଁ ଅଙ୍କ ଅଛି ? ______

୬୫ର ଦଶକ ସ୍ଥାନରେ କେଉଁ ଅଙ୍କ ଅଛି ? ______

୭, ୬ ଠାରୁ ବଡ଼, ତେଣୁ ୭୨ ସଂଖ୍ୟାଟି ୬୫ ଠାରୁ ବଡ଼ ।

ଲୋକଟି ଲିମାକୁ କହିଲା - ଓଟ ଉପରେ ବସିବାକୁ ୬୫ ଟଙ୍କା ଦରକାର ।

ତୁମ ପାଖରେ ୩୨ ଟଙ୍କା ଅଛି, ୩୨ଟଙ୍କା ୬୫ ଟଙ୍କାରୁ କମ୍ । ତୁମେ ଓଟ ଉପରେ ବସି ପାରିବ ନାହିଁ ।

| ୩୨ = ୩ ଦଶ ୨ ଏକ | ୬୫ = ୬ ଦଶ ୫ ଏକ |
|---|---|

୩୨ର ଦଶକ ସ୍ଥାନର ଅଙ୍କ ୩, ୬୫ର ଦଶକ ସ୍ଥାନର ଅଙ୍କ ୬ ।

୩ ଅଙ୍କଟି ୬ ଅଙ୍କଠାରୁ ସାନ ହୋଇଥିବାରୁ ୩୨ ସଂଖ୍ୟାଟି ୬୫ସଂଖ୍ୟାଠାରୁ ସାନ ।



**ଆମେ କ'ଣ ଜାଣିଲେ ?**

**ଦୁଇ ଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟା ମଧ୍ୟରେ ଯେଉଁ ସଂଖ୍ୟାର ଦଶକ ସ୍ଥାନର ଅଙ୍କଟି ବଡ଼, ସେ ସଂଖ୍ୟାଟି ଅନ୍ୟ ସଂଖ୍ୟାଠାରୁ ବଡ଼ ।**

ସଚିନ୍ ପାଖରେ ୬୧ ଟଙ୍କା ଥିଲା, ସେ ଓଟରେ ବସିପାରିବ କି ?

**ଆସ ଦେଖିବା–**   ୬୧ = ୬ ଦଶ ୧ ଏକ    ୬୫ = ୬ ଦଶ ୫ ଏକ

ଲକ୍ଷ୍ୟ କର, ସଂଖ୍ୟା ଦୁଇଟିର ଦଶକ ସ୍ଥାନର ଅଙ୍କ ସମାନ, କିନ୍ତୁ ଏକକ ସ୍ଥାନର ଅଙ୍କ ଅଲଗା ।

୬୫ର ଏକକ ସ୍ଥାନର ଅଙ୍କ, ୬୧ ର ଏକକ ସ୍ଥାନର ଅଙ୍କଠାରୁ ଅଧିକ ।

ତେଣୁ ୬୫ ବେଶୀ, ୬୧ କମ୍ ।




**ଦୁଇଟି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଦଶକ ଘରର ଅଙ୍କ ସମାନ ହେଲେ, ଯାହାର ଏକକ ଘର ଅଙ୍କ ବଡ଼ ସେହି ସଂଖ୍ୟାଟି ବଡ଼ ।**

- ଠେକୁଆ ପାଖରେ ଦଶକ ଘରର ଅଙ୍କ ଅଛି ।
  ମାଙ୍କଡ଼ ଠାରୁ କେଉଁ ଅଙ୍କଗୁଡ଼ିକ ଆଣି ଏକକ ଘରେ ଲେଖିଲେ ନୂଆ ସଂଖ୍ୟାଟି ୪୫ ଠାରୁ ବଡ଼ ସଂଖ୍ୟା ହେବ ଲେଖ ।



| ଦଶକ | ଏକକ |
|---|---|
| ୪ | |
| ୪ | |
| ୪ | |




- ବଣି ପାଖରେ ଦଶକ ଘର ଅଙ୍କ ଲେଖାଥିବା କାର୍ଡ଼ ଅଛି । ସେ ଶୁଆଠାରୁ ସଂଖ୍ୟାକାର୍ଡ଼ ଆଣି ଏକକ ଘରେ କେଉଁ ସ୍ଥାନରେ ଥୋଇଲେ ନୂଆ ସଂଖ୍ୟାଟି ୭୬ଠାରୁ କମ୍ ହେବ ?



| ଦଶକ | ଏକକ |
|---|---|
| ୭ | |
| ୭ | |
| ୭ | |
| ୬ | |
| ୬ | |



# ଅଭ୍ୟାସ କାର୍ଯ୍ୟ

୧. ପ୍ରତି ଧାଡ଼ିରେ ଥିବା ସଂଖ୍ୟା ମଧ୍ୟରୁ ବଡ଼ ସଂଖ୍ୟା ତଳେ ବିଲେଇ ମୁହଁ କର, ସାନ ସଂଖ୍ୟା ତଳେ ମୂଷା ମୁହଁ କର ।

| | | | | | | | | | |
|---|---|---|---|---|---|---|---|---|---|
| ୨୫ | ୨୩ | ୭୧ | ୭୨ | ୯ | ୫ | ୫୭ | ୬ | ୯୯ | ୮୯ |

୨. ଖାଲି ସ୍ଥାନରେ ସଂଖ୍ୟା ଲେଖ ।

(କ)




ଠେକୁଆ ସଂଖ୍ୟାର ଅଙ୍କକୁ ଅଦଳବଦଳ କରିବାରୁ ନୂଆ ସଂଖ୍ୟାଟି ୫୩ ହେଲା, ପୂର୍ବରୁ ସଂଖ୍ୟାଟି କେତେ ଥିଲା ?

ନୂଆ ସଂଖ୍ୟାଟି ..................,

ପୂର୍ବ ସଂଖ୍ୟାଟି .................. ।

(ଖ)




ନୂଆ ସଂଖ୍ୟାଟି .............,

ପୂର୍ବ ସଂଖ୍ୟାଟି ............... ।

(ଗ)

ନୂଆ ସଂଖ୍ୟାଟି ..................,

ପୂର୍ବ ସଂଖ୍ୟାଟି .................. ।




(ଘ)




ନୂଆ ସଂଖ୍ୟାଟି .............,

ପୂର୍ବ ସଂଖ୍ୟାଟି ............... ।

୩. ବିଲେଇ ପାଖରେ ଥିବା ସଂଖ୍ୟାମାନଙ୍କର ଅଙ୍କ ଅଦଳ ବଦଳ କର । ନୂଆ ସଂଖ୍ୟାଟିକୁ ତଳ ଘରେ ଲେଖ । ବଡ଼ ସଂଖ୍ୟା ଥିବା ଘରକୁ ରଂଗ ଦିଅ ।

| ୫୮ | ୯୧ | ୪୦ | ୩୪ | ୮୯ |
|---|---|---|---|---|
| ୮୫ | | | | |

୪.

| | |
|---|---|
| ୩ | ୫ |
| ୧ | ୯ |

ଏହି ଚାରୋଟି ଅଙ୍କକୁ ବ୍ୟବହାର କରି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର । ଯେପରି - ୩୧ , ୫୯

| | | | | |
|---|---|---|---|---|
| | | | | |
| | | | | |

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି କେତେ ? ......................

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି କେତେ ? ......................

୫. (କ) ୬କୁ ଦଶକ ସ୍ଥାନରେ ରଖି ଦୁଇ ଅଙ୍କବିଶିଷ୍ଟ ସଂଖ୍ୟା ଗଢ଼ିବା ।


| | |
|---|---|
| ୬୭ | ___ |
| ___ | ___ |
| ___ | ___ |
| ___ | ___ |

ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି - ____________

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି - ____________

(ଖ) ଆସ, ୬ କୁ ଏକକ ସ୍ଥାନରେ ରଖି ସଂଖ୍ୟା ଗଢ଼ିବା ।


| | |
|---|---|
| ୮୬ | ___ |
| ___୬ | ___ |
| ___ | ___ |
| ___ | ___ |



ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ସଂଖ୍ୟାଟି କେତେ ? ____________

ଏମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟାଟି କେତେ ? ____________


୬.(କ)




ଠେକୁଆ– 'କେମିତି ଜାଣିଲ ?'

ବେଙ୍ଗ –'୮ ରେ ଗୋଟିଏ ଅଙ୍କ ଅଛି, ୧୬ରେ ୨ଟି ଅଙ୍କ ଅଛି ।'


(ଖ)




ଠେକୁଆ– "କେମିତି ଜାଣିଲ କୁହ ।"

ବେଙ୍ଗ– ____________

(ଗ)




ଠେକୁଆ – "କେମିତି ଜାଣିଲ କୁହ ।"

ବେଙ୍ଗ– ____________